# ଲୋକଙ୍କ କାମ କରୁଥିବା ନେତା ବିଜୟୀ ହୁଅନ୍ତି

ଭଞ୍ଜନଗର,୨୬।୧୨(ଡି.ଏନ.ଏ)

ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଭଞ୍ଜନଗର ନିର୍ବାଚନ ମଣ୍ଡଳୀସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଜଳସମ୍ପଦ ବିଭାଗ ଡ଼ାକବଙ୍ଗଳା ନିକଟ ଆମ୍ବତୋଟାରେ ଅନୁଷ୍ଠିତ ହୋଇଛି। ଏଥିରେ ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଲୋକଙ୍କ କାମ କରୁଥିବା ନେତା ସବାବେଳେ ବିଜୟୀ ହୁଅନ୍ତି। ବିଜେଡି କ୍ଷମତାକୁ ଆସିବା ପରେ ରାଜ୍ୟରେ ବିକାଶ ଧାରା ଚାଲୁରହିଛି। ଭଞ୍ଜନଗର ବ୍ଲକ ଅଧ୍ୟକ୍ଷା ବିନ ଦଳବେହେରା, ଉପାଧ୍ୟକ୍ଷ ଜିତେନ୍ଦ୍ରକେଶରୀ ଆରୁଖ, ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଷୋୟୀ, ଯୁବ ବିଜେଡ଼ି ସଭାପତି ସୁଧୀର ରଞ୍ଜନ ବେହେରା, ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ବେହେରା, ବ୍ଲକ ବିଜେଡ଼ି ସଭାପତି ମୋହନ ପ୍ରଧାନ, ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ, ଉପାଧ୍ୟକ୍ଷ ହିମାଂଶୁ ଶେଖର ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜର ମତ ରଖିଥିଲେ। ଦିବାକର ନାୟକ ସଭା ସଂଯୋଜନା କରିଥିଲେ।

**ଛତ୍ରପୁର:** ତାମ୍ପରା ନିକଟରେ ଛତ୍ରପୁର ନିର୍ବାଚନ ମଣ୍ଡଳସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷ ଏମ୍ ଧନଞ୍ଜୟ ରେଡ୍ଡୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ସରପଞ୍ଚ ପୀତାମ୍ବର ପଣ୍ଡା, ଜିଲାପରିଷଦ ସଭ୍ୟ କିଶୋର ରେଡ୍ଡୀ ଓ ପ୍ରମୋଦ କୁମାର ପ୍ରଧାନ, ଛତ୍ରପୁର ବ୍ଲକ ବିଜେଡି ସଭାପତି ସପନେଶ୍ୱର ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

**ଆସିକା:** ବାଣୀବିହାରସ୍ଥିତ କଲ୍ୟାଣ ମଣ୍ଡପଠାରେ ଆସିକା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୁବନେତା ଦିଲୀପ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ଉପାଧ୍ୟକ୍ଷା ସୁଜାତା ସ୍ୱାଇଁ, ଯୁବନେତା ନଚିକେତା ସ୍ୱାଇଁ, ଜିଲାପରିଷଦ ସଭ୍ୟ ଶିବଶଙ୍କର ମହାନ୍ତି, ଗୌରହରି ବେହେରା, ରାଜେଶ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ।

**ଫୁଲବାଣୀ ଅଫିସ:** ଫୁଲବାଣୀ ବିଜୁ ପଟ୍ଟନାୟକ ଛକରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସଭା ହୋଇଥିଲା। ବିଧାୟକ ଅଙ୍ଗଦ କହଁର, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣ, ପୂର୍ବତନ ପୌରାଧ୍ୟକ୍ଷ ରାଜେନ୍ଦ୍ର କହଁର, ଜିଲା ମହିଳା ସଭାନେତ୍ରୀ ଅନିମା କହଁର, ବ୍ଲକ ଅଧ୍ୟକ୍ଷା ମଞ୍ଜୁଦେବୀ କହଁର, ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଦାରିଙ୍ଗବାଡ଼ି:** ଦାରିଙ୍ଗବାଡ଼ି କଲ୍ୟାଣମଣ୍ଡପରେ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସରେ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟଅତିଥି ହୋଇଥିଲେ। ମହିଳା କମିଶନ ସଦସ୍ୟା ଜାଲିନା ପ୍ରିୟଦର୍ଶିନୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୂର୍ବତନ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଯୁବ ସଙ୍ଗଠନ ଜିଲା ସଭାପତି ପ୍ରଦୀପ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ଜି.ଉଦୟଗିରି ବ୍ଲକ ଅଧ୍ୟକ୍ଷା ଦିପ୍ତୀରେଖା ପ୍ରଧାନ, ଟିକାବାଲିର ସୁଚିତ୍ରା ପ୍ରଧାନ ଏବଂ ରାଇକିଆର ମାନିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।


ଭଞ୍ଜନଗରରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ବୋଧନ ଦେଉଛନ୍ତି।

## ଅମିର ଜିଲା କଂଗ୍ରେସ ଓବିସି ଅଧ୍ୟକ୍ଷ ନିଯୁକ୍ତ

**ଭଞ୍ଜନଗର,୨୬।୧୨(ଡି.ଏନ୍.ଏ):** ଗଞ୍ଜାମ ଜିଲା ଓବିସି ବିଭାଗର ନୂତନ ଅଧ୍ୟକ୍ଷ ଭାବେ ଅମୀର କୁମାର ଭୂୟାଁ ନିଯୁକ୍ତ ହୋଇଛନ୍ତି। ଏନେଇ ପିସିସି ପକ୍ଷରୁ ଚିଠି ମାଧ୍ୟମରେ ଜଣାଯାଇଛି। ଅମିରଙ୍କ ଘର ଖଇରପଲିରେ। ଏକ ପ୍ରେସ୍ ବିଜ୍ଞପ୍ତିରେ ଅମୀର ଜଣାଇଛନ୍ତି ଯେ, ଜିଲାର ଅଧିକାଂଶ ଲୋକେ ପଛୁଆବର୍ଗର। ସେମାନଙ୍କ ଉନ୍ନତି ପାଇଁ କାମ କରିବି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ରାଜ୍ୟ ଓବିସି ଅଧ୍ୟକ୍ଷ ବିଷ୍ଣୁ ଚରଣ ବାରିକ, କଂଗ୍ରେସ ନେତା ରାମଚନ୍ଦ୍ର ରଥ, ବିଧାୟକ ରମେଶ ଚନ୍ଦ୍ର ଜେନା, ପିସିସି କୋର କମିଟି ସଭ୍ୟ ଦେବୀ ବିଷୋୟୀଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।




### ଅଶାନ୍ତ ହେଉଛି ଫୁଲବାଣୀ

## ହୋଟେଲରୁ ବନ୍ଧୁକଧାରୀ ଯୁବକ ଅଟକ

**ଫୁଲବାଣୀ ଅଫିସ, ୨୬।୧୨:** ଶାନ୍ତିପୂର୍ଣ୍ଣ ସହର ଫୁଲବାଣୀ ଧୀରେ ଧୀରେ କ୍ରାଇମ ସିଟି ହେବାରେ ଲାଗିଛି। କିଛି ଦିନ ହେବ ଲୁଟତ୍‌ରାଜକୁ ନେଇ ପୋଲିସ ଚାପରେ ଥିବାବେଳେ ବୁଧବାର ବିଳମ୍ବିତ ରାତିରେ ଏକ ନାମୀ ହୋଟେଲରୁ ୨ଜଣ ବନ୍ଧୁକଧାରୀ ଯୁବକଙ୍କୁ ପୋଲିସ ଧରିଛି। ବନ୍ଧୁକ ଜବତ ହୋଇଥିବାରୁ ସେମାନେ କୌଣସି ବଡ ଅପରାଧ ଘଟାଇବାକୁ ଆସିଥିବା ଏବେ ସହରସାରା ଚର୍ଚ୍ଚା ହେଉଛି। ପୋଲିସ ଏ ବିଷୟରେ ପାଟି ଖୋଲୁ ନ ଥିବାବେଳେ ଏହି ୨ଜଣଙ୍କୁ ମିଶାଇ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସମ୍ପୃକ୍ତ ଯୁବକମାନେ ଗଞ୍ଜେଇ ଚୋରା ଚାଲାଣ, ଚୋରି କିମ୍ବା କାହାକୁ ମର୍ଡର କରିବାକୁ ଆସିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ବନ୍ଧୁକଧାରୀ ଯୁବକଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗର। ଫୁଲବାଣୀରୁ ପଶ୍ଚିମବଙ୍ଗର ଯାଏ କ’ଣ ଲିଙ୍କ ରହିଛି ତାହା ପୋଲିସ ଖୋଳତାଡ କରୁଛି। ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ହୋଟେଲରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ସେମାନଙ୍କ ପାଖରୁ ଏକ ନମ୍ବର ବିହୀନ କାର ମଧ୍ୟ ଜବତ ହୋଇଛି। ତଦନ୍ତ ଚାଲିଥିବାରୁ ଅଧିକ କିଛି କହିବାକୁ ଥାନାଧିକାରୀ ନରେଶ କୁମାର ସାହୁ ମନା କରିଛନ୍ତି। ଦିନକୁ ଦିନ ଅପରାଧ ବଢୁଥିବାରୁ ଫୁଲବାଣୀ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ମୋହନା, ବ୍ରହ୍ମପୁର ବାରାକ୍ସ ଟିମ ବିଜୟୀ

### ଆନ୍ତଃଜିଲା ଭଲିବଲ, ଫୁଟବଲ ଟୁର୍ଣ୍ଣାମେଣ୍ଟ

**ଦିଗପହଣ୍ଡି,୨୬।୧୨(ଡି.ଏନ.ଏ.):** ଦିଗପହଣ୍ଡି ଖେମୁଣ୍ଡି ଭଲିବଲ ଓ ଫୁଟବଲ କ୍ଲବ ପକ୍ଷରୁ ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳ ପଡ଼ିଆରେ ବସନ୍ତ ସ୍ମାରକୀ ଆନ୍ତଃ ଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ଜିଲା ମୋହନା ଭଲିବଲ ଟିମ ପ୍ରତିପକ୍ଷ ପାଟପୁର ଗ୍ରାମର ଭଲିବଲ ଟିମକୁ ୨–୧ ସେଟରେ ପରାଜିତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। କ୍ରୀଡାବିତ ହରପ୍ରସାଦ ରଥ ରେଫେରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ। ସେହିପରି ବିକ୍ରମ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚକୁ ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ବଳରାମ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମ୍ୟାଚରେ ବ୍ରହ୍ମପୁର ବାରାକ୍ସ ଫୁଟବଲ କ୍ଲବ ପ୍ରତିପକ୍ଷ ରାୟଗଡ଼ା ରେଲୱେ ଫୁଟବଲ କ୍ଲବକୁ ଟ୍ରାଇ ବେକର ଜରିଆରେ ୩–୦ ଗୋଲରେ ପରାଜିତ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି। ମ୍ୟାଚର ନିର୍ଦ୍ଧାରିତ ଶେଷ ସମୟ ସୁଦ୍ଧା କୌଣସି ଟିମ କାହାରି ବିରୋଧରେ ଗୋଲ କରିପାରି ନ ଥିଲେ। ଶେଷରେ ନିୟମାନୁଯାୟୀ ଟ୍ରାଇ ବେକର ଜରିଆରେ ବ୍ରହ୍ମପୁର ବାରାକ୍ସ ଟିମ୍ ପ୍ରତିପକ୍ଷ ରାୟଗଡ଼ା ରେଲୱେ ଟିମ ବିରୋଧରେ ଗୋଲ କରିବାରେ ସଫଳ ହେବାରୁ ବ୍ରହ୍ମପୁର ବାରାକ୍ସ ଟିମକୁ ବିଜୟୀ ଘୋଷଣା କରାଯାଇଥିଲା।

### ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ହତ୍ୟା ଘଟଣା

## ହତ୍ୟାକାରୀଙ୍କ ନିକଟତର ପୋଲିସ

**ଫୁଲବାଣୀ ଅଫିସ, ୨୬।୧୨:** କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡାଙ୍କୁ ତାଙ୍କ ଘର ସମ୍ମୁଖରେ ଗୁଳିକରି ହତ୍ୟା କରିବା ଘଟଣାରେ ପୋଲିସ ହତ୍ୟାକାରୀଙ୍କ ନିକଟତର ହେଲାଣି । ଖୁବ୍ କମ ସମୟ ମଧ୍ୟରେ ଘଟଣାର ଫର୍ଦ୍ଦାଫାଶ ହେବ। ହତ୍ୟାକାରୀ ସୁପାରୀ କିଲର ଏବଂ ହତ୍ୟା ପଛରେ ଆଉ କେହି ଅଛନ୍ତି ବୋଲି ଯାହା ଚର୍ଚ୍ଚା ହୋଇ ଆସୁଥିଲା ସେଥିରେ ସତ୍ୟତା ଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳୁଛି। ପ୍ରକୃତରେ ହତ୍ୟାକାଣ୍ଡ କାହିଁକି ଘଟିଛି ଏବଂ ହତ୍ୟା ପଛରେ କ’ଣ କାରଣ ତାହା ଖୁବ୍‌ଶୀଘ୍ର ଜଣାପଡିବ ବୋଲି କିଛି ପୋଲିସ ଅଧିକାରୀ କହିଛନ୍ତି ।

ସୂଚନାଯୋଗ୍ୟ ଗତ ୧୦ ତାରିଖ ସକାଳେ ଅଭିମନ୍ୟୁ ଘରେ ଥିବାବେଳେ ୨ ଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ଡାକିଥିଲେ। ସେମାନଙ୍କ ମଧ୍ୟରେ କିଛି ସମୟ କଥାବାର୍ତ୍ତା ହୋଇଥିଲା ଏବଂ ସେମାନେ ତାଙ୍କୁ କାଗଜପତ୍ର ମାଗିଥିଲେ। ଏହାପରେ ଜଣେ ଯୁବକ ତାଙ୍କୁ ଗୁଳି କରି ଫେରାର ହୋଇ ଯାଇଥିଲେ।

## ୫ରେ ଚକରା ବିଷୋୟୀ ଜୟନ୍ତୀ

### କାର୍ଯ୍ୟକ୍ରମ ସମୀକ୍ଷା କଲେ ଉପ ଜିଲାପାଳ

**ଭଞ୍ଜନଗର,୨୬।୧୨(ଡି.ଏନ.ଏ.):** ଘୁମୁସର ମାଟିର ବୀର ଚକରା ବିଷୋୟୀଙ୍କ ଜୟନ୍ତୀ ଆସନ୍ତା ୫ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ପାଳିତ ହେବ। ଚକରାଙ୍କ ଜନ୍ମମାଟି ଭଞ୍ଜନଗରରେ ମଧ୍ୟ ଉକ୍ତଦିନ ଜୟନ୍ତୀ ଉତ୍ସବ ପାଳିତ ହେବ। ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ବସିଥିଲା। ଏହାପରେ ଉପଜିଲାପାଳ କଲେଜ ରୋଡ଼ର ବାଇପାସ୍ ଛକରେ ଥିବା ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତିସ୍ଥଳ ବୁଲି ଦେଖିଥିଲେ। ଏହାପୂର୍ବରୁ ସହରର ବିଭିନ୍ନ ବିଦ୍ୟାଳୟରେ ଚକରା ବିଷୋୟୀଙ୍କ ଜୀବନୀ ଉପରେ ବିଭିନ୍ନ ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ହେବ। ଉତ୍ସବ ଦିନ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମ ସମୀକ୍ଷା ସମୟରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଏନ୍‌ଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, ସାମାଜିକ କର୍ମୀ ପଞ୍ଚାନନ ପାଳ, ଶୂଳପାଣି ଶତପଥୀ, ଶିକ୍ଷକ ନେତା ଜଗବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ନୂଆ ମୋଟରଯାନ ଆଇନ
## ବୁଧବାର ଦେଢ଼ଲକ୍ଷ ଟଙ୍କା ଜରିମାନା ଆଦାୟ

**ବ୍ରହ୍ମପୁର ଅଫିସ,୨୬।୧୨:** ସଡକ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ଉଦ୍ଦେଶ୍ୟ ନେଇ ସରକାର ଟ୍ରାଫିକ ନିୟମ ସଂଶୋଧନ କରିଥିଲେ। ନୂଆ ମୋଟରଯାନ ଆଇନ-୨୦୧୯ ସେପ୍ଟେମ୍ବର ପହିଲାରୁ ସାରା ଭାରତ ବର୍ଷରେ ଲାଗୁ ହୋଇଥିଲା। ପରେ ସରକାରୀ ଚାଲକମାନେ ସେମାନଙ୍କ ଗାଡିର ଇନ୍ସ୍ୟୁରାନ୍ସ, ଫିଟନେସ, ପ୍ରଦୂଷଣ ଓ ଅନ୍ୟାନ୍ୟ କାଗଜପତ୍ର ପ୍ରସ୍ତୁତ କରିବା ପାଇଁ ୩ ମାସ ଅର୍ଥାତ ନଭେମ୍ବର ପର୍ଯ୍ୟନ୍ତ ସମୟ ଦେଇଥିଲେ। ଡିସେମ୍ବର ୧ ପୂର୍ବରୁ ପୁଣିଥରେ ସରକାର ଗାଡି କାଗଜପତ୍ର କରିବା ପାଇଁ ୩ ମାସ ସମୟ ଦେଇଛନ୍ତି। ଅନ୍ୟପଟେ ଡିସେମ୍ବର ୧ରୁ ପୋଲିସ ଟ୍ରାଫିକ ନିୟମ କଡାକଡି କରିଛି। ବିନା ହେଲମେଟ, ଗାଡିରେ ୩ ଜଣ ଯାଉଥିବା, ଭୁଲ ସ୍ଥାନରେ ପାର୍କିଂ ଓ ନିଶାସକ୍ତ ଚାଲକଙ୍କ ବିରୋଧରେ କଡା ଆଭିମୁଖ୍ୟ ଗ୍ରହଣ କରିଛି। ବ୍ରହ୍ମପୁର ସହରରେ ବୁଧବାର ଟ୍ରାଫିକ ନିୟମ ନ ମାନି ଗାଡି ଚଳାଉଥିବା ଚାଲକଙ୍କୁ ଧରି ସେମାନଙ୍କଠାରୁ ଟ୍ରାଫିକ ପୋଲିସ ଦେଢ଼ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିବା ଟ୍ରାଫିକ ଡ଼ିଏସ୍‌ପି ସାର୍ଥକ ରାୟ ସୂଚନା ଦେଇଛନ୍ତି। ଏହା ସହିତ ମୋବାଇଲ ଫୋନରେ କଥା ହୋଇ ଗାଡି ଚଳାଉଥିବା ୪ ଜଣ ଚାଲକଙ୍କ ଡ୍ରାଇଭିଂ ଲାଇସେନ୍ସ (ଡ଼ିଏଲ)କୁ ସସ୍‌ପେନ୍ସନ (କାର୍ଯ୍ୟଚ୍ୟୁତ) ପାଇଁ ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିକଟକୁ ପଠାଯାଇଛି। ସେହିପରି ବୁଧବାର ୨ ଜଣ ନିଶାସକ୍ତ ଗାଡି ଚାଲକଙ୍କୁ ଟ୍ରାଫିକ ପୋଲିସ ଧରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

**ବ୍ରହ୍ମପୁର ଅଫିସ,୨୬।୧୨:** ଓଡିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ୫୭ତମ ବାର୍ଷିକ ଅଧିବେଶନ ତଥା ରାଜ୍ୟସ୍ତରୀୟ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆଇଏନ୍‌ଟିୟୁସିର ରାମଚନ୍ଦ୍ର ଖୁଣ୍ଟିଆ, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ମହାସଂଘ ସଭାପତି ଅକ୍ଷୟ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ଦୀନବନ୍ଧୁ ମହାନ୍ତି, ପଦ୍ମନାଭ ପାଢ଼ୀ, ପ୍ରଫୁଲ୍ଲ ପଟ୍ଟନାୟକ, ରାମକୃଷ୍ଣ ସାହୁ, ସୁରେଶ ବେହେରା ଓ ସୂର୍ଯ୍ୟନାରାୟଣ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ଠିକା କର୍ମଚାରୀଙ୍କୁ ନିୟମିତ ଭାବେ ଦରମା ଦେବା ସହ ନିୟମିତ କରିବା,ଉପଭୋକ୍ତାଙ୍କୁ ଉଚିତ ସେବା ଯୋଗାଇବା ଏବଂ ବିଦ୍ୟୁତ୍ ଭଳି ଅତ୍ୟାବଶ୍ୟକ ବିଭାଗର ମୌଳିକ ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବା ନେଇ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ଶକ୍ତିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସଂଘ ସଭାପତି ପ୍ରଶାନ୍ତ ମହାପାତ୍ର ନିର୍ବାଚିତ ହୋଇଥିବା ବେଳେ ଅକ୍ଷୟ ତ୍ରିପାଠୀ ସମ୍ପାଦକ, ଦୀନବନ୍ଧୁ ମହାନ୍ତି କାର୍ଯ୍ୟକାରୀ ସଭାପତି ନିର୍ବାଚିତ ହୋଇଥିଲେ। ସେହିପରି ଦକ୍ଷିଣାଞ୍ଚଳ ଜୋନ୍ ଉପସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ଯୁଗ୍ମସମ୍ପାଦକ ସୂର୍ଯ୍ୟନାରାୟଣ ବିଷୋୟୀ, ସାଂଗଠନିକ ସମ୍ପାଦକ କ୍ଷୀରୋଦ କୁମାର ସେଠୀ, ବିଜୟ କୁମାର ପର୍ଡା, ସର୍କଲ ସମ୍ପାଦକ ମହେନ୍ଦ୍ର କୁମାର ନାଥ ନିର୍ବାଚିତ ହୋଇଥିଲେ।





ଗୋପାଳପୁର ବେଳାଭୂମି ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଝୁମାଇଲେ ହ୍ୟୁମାନ୍ ସାଗର, ପଲକ ମୁଚଲ




**ବ୍ରହ୍ମପୁର ଅଫିସ,୨୬।୧୨**

ଗୋପାଳପୁର ବେଳାଭୂମି ମହୋତ୍ସବର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା । ଉକ୍ତ ଦିନ ଶୀତୁଆ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ଓଲିଉଡ୍‌ର ବିଖ୍ୟାତ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ଓ ବଲିଉଡ୍‌ର ପ୍ରଚ୍ଛଦପଟ ଗାୟିକା ପଲକ ମୁଚଲ । ସୁନଜାରା ସୁନଜାରା..... ତୁ ବିକଳ ହବୁ... ଭଳି ଗୋଟିଏ ପରେ ଗୋଟିଏ ଗୀତ ଗାଇ ପ୍ରଥମେ ହ୍ୟୁମାନ୍ ସାଗର ଦର୍ଶକଙ୍କୁ ବିଭୋର କରିବା ସହ ନଚାଇ ଥିଲେ । ପରେ ପଲକ ମୁଚଲ ହିଟ ଗୀତ ଗାଇ ଦର୍ଶକଙ୍କୁ ଝୁମାଇ ଥିଲେ । ତେବେ ଝିପିଝିପି ବର୍ଷା ସତ୍ତ୍ୱେ ଦର୍ଶକ ଉଭୟଙ୍କ ଗୀତର ମଜା ଉଠାଇବା ସହ ଝୁମି ଉଠିଥିଲେ । ଟାଟା କଲୋନୀର ନିର୍ମାତା କଳାକାରଙ୍କ ଦ୍ୱାରା ରଣପା, ବ୍ରହ୍ମପୁର ଆରାଧ୍ୟା ଡ୍ୟାନ୍ସ ଏକାଡେମୀ ଓ ଛତ୍ରପୁର ଷ୍ଟାର ବଏଜ୍ ଡ୍ୟାନ୍ସ ଗ୍ରୁପ୍ କଳାକାରଙ୍କ ଦ୍ୱାରା ଆଧୁନିକ ନୃତ୍ୟ, ସ୍ୱାତିଶ୍ରୀ ପଣ୍ଡା ଓ ଦଳଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ରାଉରକେଲା ନୃତ୍ୟାଞ୍ଜଳି କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ବ୍ରହ୍ମପୁର ନୃତ୍ୟଶ୍ରୀ ଡ୍ୟାନ୍ସ ଏକାଡେମୀର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ, କଲ୍‌ଚରାଲ ଅର୍ଗାନାଇଜେଶନର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ଟି. ଆଓ ଯୋଗଦେଇଥିବା ବେଳେ ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବେଳାଭୂମିରେ ଚାଲିଥିବା ଜାତୀୟସ୍ତରୀୟ ପଲ୍ଲିଶ୍ରୀମେଳା, ହର୍ବାଲ ମେଳା ବୁଲିବା ସହ ଦର୍ଶକ ମଜା ନେଇଥିଲେ ।



## ଗୋପାଳପୁର ମହୋତ୍ସବରେ ବିରୋଧୀଙ୍କୁ ଉପେକ୍ଷା

### ଗଞ୍ଜାମ ଭାଜପାର ଅଭିଯୋଗ

**ବ୍ରହ୍ମପୁର ଅଫିସ,୨୬।୧୨**

ଗୋପାଳପୁର ବେଳାଭୂମି ମହୋତ୍ସବକୁ ବିଜେଡି ମହୋତ୍ସବ କରାଯାଇଛି। ବିରୋଧୀ ଦଳକୁ ଉପେକ୍ଷା କରାଯାଇ କେବଳ ଶାସକ ଦଳ ନେତାଙ୍କୁ ଗୁରୁତ୍ୱ ଦିଆଯାଇଛି। ଜିଲାର ବରିଷ୍ଠ ନାଗରିକ ଏବଂ କଳା ଓ ସଂସ୍କୃତିପ୍ରେମୀଙ୍କୁ ବାଦ ଦିଆଯାଇଛି। ଅପରପକ୍ଷରେ ରାଜ୍ୟ ଓ ଏହି ଜିଲାର କଳାକାର ଓ ସାଂସ୍କୃତିକ ଅନୁଷ୍ଠାନକୁ ଅଣଦେଖା କରି ବାହାର ରାଜ୍ୟର କଳାକାରଙ୍କୁ ଅଣାଯାଇ ବହୁ ଲକ୍ଷ ଟଙ୍କା ଦିଆଯାଇଛି। ଏଭଳି ସଙ୍ଗିନ ଅଭିଯୋଗ କରିଛି ଗଞ୍ଜାମ ଜିଲା ଭାଜପା। ମହୋତ୍ସବ ନାମରେ ବିଭିନ୍ନ ଭାବରେ ଆଦାୟ ଓ ଖର୍ଚ୍ଚର ଠିକ୍ ହିସାବ ଥାଇ ତୁରନ୍ତ ଶ୍ୱେତପତ୍ର ପ୍ରକାଶ କରିବାକୁ ଦାବି ହୋଇଛି। ନଚେତ୍ ଏହାକୁ ଇସୁ କରି ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଭାଜପା ବରିଷ୍ଠ ନେତା ତଥା ପୂର୍ବତନ ଜିଲା ସଭାପତି କାହ୍ନୁ ଚରଣ ପତି ଗୁରୁବାର ଆହୁରି କହିଛନ୍ତି, ବେଳାଭୂମି ମହୋତ୍ସବ ନେଇ ଖବର କାଗଜରେ ବିଜ୍ଞାପନ ଦ୍ୱାରା ବହୁଳ ପ୍ରଚାର କରାଯାଇ ନ ଥିବା ବେଳେ ମହୋତ୍ସବ କମିଟି ମୁଖ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୁଧବାର ସନ୍ଧ୍ୟାରେ ଅସୌଜନ୍ୟ ବ୍ୟବହାର କରିଛନ୍ତି। ଏହି ଘଟଣାକୁ ପତି ନିନ୍ଦା କରିବା ସହ ଏଭଳି ଆଚରଣରୁ ସେ ନିବୃତ୍ତ ହେବାକୁ ଗୁରୁତ୍ୱ ଦେଇଛନ୍ତି। ଗତ ମଙ୍ଗଳବାର ମହୋତ୍ସବ ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ। ଦୁଇ ପାର୍ଶ୍ୱରେ ଶଙ୍ଖ ଚିହ୍ନ ପତାକା ଲଗାଯାଇଥିଲେ ମଧ୍ୟ ପ୍ରଶାସନ ଓ ପୋଲିସ ପକ୍ଷରୁ ବାରଣ କରାଯାଇ ନ ଥିଲା। ଗୁରୁବାର ତୃତୀୟ ଦିବସରେ ମଧ୍ୟ ପତାକା ହଟାଯାଇ ନ ଥିବା ପତି ଆଉ ଏକ ଅଭିଯୋଗ କରିଛନ୍ତି। ଗୋପାଳପୁର ବେଳାଭୂମି ସୌନ୍ଦର୍ଯ୍ୟକରଣ, ଭିତ୍ତିଭୂମି ବିକାଶ, ଆକର୍ଷଣୀୟ ଜଳ କ୍ରୀଡ଼ା କମ୍ପ୍ଲେକ୍ସ, ପାର୍କ ଆଦି ନିର୍ମାଣ ହେବ ଓ ଏ ବାବଦରେ ୬ ଶହ କୋଟି ଟଙ୍କାର ଅନୁଦାନ ଦିଆଯିବାର ନିଜେ ମୁଖ୍ୟମନ୍ତ୍ରୀ ଅତୀତରେ ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟ ହୋଇ ନ ଥିବାରୁ ଜିଲାବାସୀଙ୍କୁ ପ୍ରତାରଣା କରାଯାଇଥିବା ଭାଜପା ନେତା କହିଛନ୍ତି। ଏଣିକି ଯେକୌଣସି ମହୋତ୍ସବରେ ଜିଲାର ବିରୋଧୀ ଦଳ ନେତାଙ୍କୁ ଉପେକ୍ଷା ନ କରିବା ପାଇଁ ପତି ଚେତାଇ ଦେଇଛନ୍ତି।

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତା

## ଭାଗନେବାକୁ ୪ ଜଣିଆ ମହିଳା ଦଳର ତାମିଲନାଡୁ ଗସ୍ତ

**ବ୍ରହ୍ମପୁର ଅଫିସ,୨୬।୧୨**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତାରେ ଭାଗନେବାକୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ୪ ଜଣିଆ ମହିଳା ଭାରୋତ୍ତୋଳନ ଦଳ ବୁଧବାର ବ୍ରହ୍ମପୁରରୁ ତିରୁନେଲଭାଲି ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଦଳ ଆସନ୍ତା ୨୮ରୁ ୩୦ ତାରିଖ ମଧ୍ୟରେ ତାମିଲନାଡୁ ଏମ୍ ସୁନ୍ଦର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ତଥା ଏଆଇୟୁ ଦ୍ୱାରା ପରିଚାଳିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ଦଳ ସହ ମ୍ୟାନେଜର ଭାବେ ଅଗ୍ନି କୁମାର ବେହେରା ଓ କୋଚ ଶ୍ରୀନିବାସ ପାତ୍ର ଗସ୍ତ କରିଛନ୍ତି । ଏହି ଅବସରରେ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ସମ୍ପାଦକ ଡ. ମନୋଜ କୁମାର ପଣ୍ଡା, ସହ ସମ୍ପାଦକ ମହେନ୍ଦ୍ର କୁମାର ବେହେରା, ତପନ କୁମାର ସିଂ ନାୟକ, ଡ. ସୁନୀଲ କୁମାର ବେହେରା, ଡ. ବନ୍ଦିତା କୁମାରୀ ପଣ୍ଡା ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଟେଲିସ୍କୋପ୍‌ରେ ସୂର୍ଯ୍ୟୋପରାଗ ଦେଖିଲେ



ଛାତ୍ରୀଛାତ୍ର, ବ୍ରହ୍ମପୁରବାସୀ ଟେଲିସ୍କୋପ ସାହାଯ୍ୟରେ ସୂର୍ଯ୍ୟୋପରାଗ ଦେଖୁଛନ୍ତି ।



ବ୍ରହ୍ମପୁରରେ ସୂର୍ଯ୍ୟୋପରାଗର ଦୃଶ୍ୟ ।

**ବ୍ରହ୍ମପୁର ଅଫିସ,୨୬।୧୨**

ବ୍ରହ୍ମପୁରରେ ସୂର୍ଯ୍ୟୋପରାଗର ପ୍ରଭାବ ଭୟକୁ ଦୂରେଇବା ପାଇଁ ବିଜ୍ଞାନ ଚେତନା ମଞ୍ଚ ବ୍ରହ୍ମପୁର ଶାଖା ପକ୍ଷରୁ ଟେଲିସ୍କୋପ ମାଧ୍ୟମରେ ସୂର୍ଯ୍ୟୋପରାଗ ଦେଖିବା ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଖଲ୍ଲିକୋଟ କଲେଜ ଖେଳପଡିଆରେ ସୂର୍ଯ୍ୟୋପରାଗ ପ୍ରଭାବକୁ ଖାତିର ନ କରି ବ୍ୟାୟାମ ତଥା ପ୍ରାତଃ ଭ୍ରମଣ ପାଇଁ ଆସିଥିବା ମହିଳା, ପୁରୁଷ, ଛାତ୍ରୀଛାତ୍ରଙ୍କୁ ପରାଗକୁ ନେଇ ରହିଥିବା ବୈଜ୍ଞାନିକ ତଥ୍ୟ ଉପରେ ସଚେତନ କରାଇଥିଲେ । ଏଥିସହ ସକାଳ ୮.୧୯ରୁ ପୂର୍ବାହ୍ନ ୧୧.୨୮ ପର୍ଯ୍ୟନ୍ତ ଦେଖାଦେବାକୁ ଥିବା ସୂର୍ଯ୍ୟୋପରାଗ ଦୃଶ୍ୟକୁ ଟେଲିସ୍କୋପ ମାଧ୍ୟମରେ ଦୃଶ୍ୟମାନ କରାଇଥିଲେ । ତେବେ ସକାଳୁ ଆକାଶ ମେଘାଚ୍ଛନ୍ନ ଥିବାରୁ ସକାଳ ୯ ଟା ୩୩ ମିନଟ ସମୟରେ ପ୍ରାୟ ୫ ମିନଟ ପାଇଁ ବ୍ରହ୍ମପୁରର ଅକାଶରେ ପରାଗର ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଦୃଶ୍ୟକୁ ଶତାଧିକ ଛାତ୍ରୀଛାତ୍ର, ପୁରୁଷ, ମହିଳା ପ୍ରମୁଖ ଟେଲିସ୍କୋପ ମାଧ୍ୟମରେ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଚେତନା ମଞ୍ଚର ଗଞ୍ଜାମ ଜିଲା ଆବାହକ ଶିବାନୀ ଶଙ୍କର ମିଶ୍ର, ସୁନୀଲ କୁମାର ବେହେରା, କେ. ଶିବ କିରଣ ଗୁରୁ ଓ ତନ୍ମୟ କରଣ ପ୍ରମୁଖ ସହଯୋଗ କରିଥିଲେ ।

## ମହାନଗରରେ ବିଜେଡି ପ୍ରତିଷ୍ଠା ଦିବସ

**ବ୍ରହ୍ମପୁର ଅଫିସ,୨୬।୧୨**

ବ୍ରହ୍ମପୁରରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଥିଲା। ଦେଶୀ ବେହେରା ବଜାର, ଆସିକା ରୋଡ ଏବଂ ବିଜୁ ପଟ୍ଟନାୟକ ପାର୍କରେ ସ୍ଥାପିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ନେତା ଓ କର୍ମୀମାନେ ସିଟି ହସ୍ପିଟାଲରେ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ । ଏଥିରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇ, ରାଜ୍ୟ ଉପସଭାନେତ୍ରୀ ମମତା ବିଶୋୟୀ, ରାଜ୍ୟ ସାଧାରଣ ସମ୍ପାଦିକା ଜ୍ୟୋତ୍ସ୍ନା ପାଢ଼ୀ, ବିଏମ୍‌ସି ପୂର୍ବତନ ମେୟର କେ. ମାଧବୀ, ଜିଲା ବିଜେଡି ସଂଗଠନ ସାଧାରଣ ସମ୍ପାଦକ ଅନିଲ ସାହୁ ଓ ଜଗନ୍ନାଥ ସାବତ ଓ ବିଜେଡି ରାଜ୍ୟ ସମ୍ପାଦକ ଟି. ଗୋପୀ ପ୍ରମୁଖ ଯୋଗ ଦେଇଥିଲେ । ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ନେତାମାନେ ଭାଷଣ ପ୍ରସଙ୍ଗରେ ବିଜେଡି ସରକାରଙ୍କ ୧୯ ବର୍ଷ ଶାସନରେ ରାଜ୍ୟ ଓ ବିଶେଷକରି ଗଞ୍ଜାମ ଜିଲାରେ ହୋଇଥିବା ବହୁମୁଖୀ ଜନକଲ୍ୟାଣ ଯୋଜନା ସମ୍ପର୍କରେ ବଖାଣିଥିଲେ । ଆଞ୍ଚଳିକ ଦଳ ବିଜେଡି ଓ ଏହାର ସଭାପତି ନବୀନ ପଟ୍ଟନାୟକଙ୍କ ଦକ୍ଷ ତଥା ସୁଶାସନ ଯୋଗୁ ଲଗାତର ଭାବେ ୫ଥର ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ କରିଥିବା ଏମ୍‌ପି ଓ ଅନ୍ୟମାନେ ଦର୍ଶାଇଥିଲେ । ବିଜେଡିକୁ ଆହୁରି ଅଧିକ ଶକ୍ତିଶାଳୀ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଆଗକୁ ପୌର ନିର୍ବାଚନ ଥିବାରୁ ମହାନଗରରେ ତୃଣମୂଳସ୍ତରରୁ ଦଳ ସଂଗଠନକୁ ମଜଭୁତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ସଭାରେ ବିଡିଏ ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ, ସୁରେନ୍ଦ୍ର ମହାରଣା, ପି.ଆଶାରାଣୀ, ରାକେଶ ସାହୁ, ତିରୁପତି ପାତ୍ର ଓ ମମତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ପୂର୍ବତନ ଉପନଗରପାଳ ଭଗବାନ ଗନ୍ତାୟତଙ୍କ ସମେତ ତ୍ରମ୍ବନାଥ ପଣ୍ଡା ପ୍ରମୁଖ ବିଜେଡିର ଇତିହାସ ନେଇ ଆଲୋକପାତ କରିଥିଲେ ।



ପ୍ରତିଷ୍ଠା ଦିବସରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

### ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ

## ସ୍ୱର୍ଣ୍ଣ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ,୨୬।୧୨**

ବିଜୁ ପଟ୍ଟନାୟକ ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସ୍ୱର୍ଣ୍ଣ ଜୟନ୍ତୀ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ହୋମିଓପାଥିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ କଲେଜରେ ନିର୍ମିତ ସ୍ୱର୍ଣ୍ଣସ୍ତମ୍ଭ, ହୋମିଓପାଥି କଲେଜ ପ୍ରତିଷ୍ଠାତା ଡା. ହ୍ୟାନିମାନ୍ ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟଅତିଥି ଲୋକାର୍ପିତ କରିଥିଲେ। ଏଥିସହ ହୋମିଓପାଥି କଲେଜ ମୁଖ୍ୟ ଫାଟକ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଆୟୋଜିତ ଉତ୍ସବରେ ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପ୍ରଫେସର ଡା. ବିଜୟଲକ୍ଷ୍ମୀ ବିଷୋୟୀ, ସ୍ୱର୍ଣ୍ଣଜୟନ୍ତୀ ମହୋତ୍ସବ କମିଟି ଅଧ୍ୟକ୍ଷ ପ୍ରଫେସର ଡା. ନିରଞ୍ଜନ ମହାନ୍ତି, କାର୍ଯ୍ୟକ୍ରମ ସମ୍ପାଦକ ଡା. ଇନ୍ଦୁଭୂଷଣ ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡା. ଉପେନ୍ଦ୍ର ନାଥ ଦାଶ, ପ୍ରଫେସର ଡା. ପ୍ରଶାନ୍ତ କୁମାର ପତି ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ପରିପ୍ରେକ୍ଷୀରେ କଲେଜ ପୁରାତନ ଛାତ୍ରୀଛାତ୍ର, ଅବସରପ୍ରାପ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ସ୍ୱତନ୍ତ୍ର ଶିବିର

ବୁଗୁଡ଼ା,୨୬।୧୨(ଡି.ଏନ.ଏ.)- ସ୍ଥାନୀୟ ପିପୁଲ୍ସ କଲେଜ ଏନ୍‌ଏସ୍‌ଏସ୍ ୟୁନିଟ-୨ ତରଫରୁ ଏକ ସାତଦିନିଆ ସ୍ୱତନ୍ତ୍ର ଶୀତକାଳୀନ ଶିବିର ଦଦରାଖୋଲ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କ୍ୟାମ୍ପରେ କଲେଜର ଛାତ୍ର ସ୍ୱେଚ୍ଛାସେବୀମାନେ ଭାଗ ନେଇ ଗ୍ରାମର ସ୍ୱଚ୍ଛତା, ପରିମଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଗ୍ରାମର ସାଧାରଣ ଲୋକମାନଙ୍କୁ ଏସବୁ ଉପରେ ସଚେତନ ତଥା ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଉଛନ୍ତି। ପ୍ରୋଗ୍ରାମ ଅଧିକାରୀ ରବୀନ୍ଦ୍ର ନାଥ ପୋଲାଇ ଏସବୁର ପରିଚାଳନା ଦାୟିତ୍ୱରେ ଅଛନ୍ତି।

### ବଲ ବାଜି ଶିଶୁ ଗୁରୁତର, ଥାନାରେ ଏତଲା

ଦିଗପହଣ୍ଡି,୨୬।୧୨(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ଗ୍ରାମରେ କ୍ରିକେଟ ବଲ ବାଜି ଜଣେ ୫ ମାସର ଶିଶୁ ଅସୁସ୍ଥ ହୋଇଥିବା ଅଭିଯୋଗ ହୋଇଛି। ଶିଶୁଙ୍କ ମା'ଙ୍କ ଏତଲା କ୍ରମେ ଦିଗପହଣ୍ଡି ପୋଲିସ ନଂ. ୨୮୩/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ମଧ୍ୟାହ୍ନରେ କିଛି ନାବାଳକ ଉକ୍ତ ଗ୍ରାମରେ କ୍ରିକେଟ ଖେଳୁଥିଲେ। ଏହି ସମୟରେ ଜଣେ ମହିଳା ଘର ସମ୍ମୁଖରେ ଶିଶୁଙ୍କୁ ଧରି ଠିଆ ହୋଇଥିବା ବେଳେ ବଲଟି ଦ୍ରୁତ ଗତିରେ ଆସି ଶିଶୁଙ୍କ ଛାତିକୁ ବାଜିଥିଲା। ତାଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ପ୍ରତିବାଦ କରିବାରୁ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସମାଧାନ ପାଇଁ ସାହି ବାସିନ୍ଦା ଉଦ୍ୟମ କରିଥିଲେ ମଧ୍ୟ କୌଣସି ପକ୍ଷ ସମାଧାନ ପାଇଁ ସହମତ ନ ହେବାରୁ ପୀଡ଼ିତ ଶିଶୁଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ।

### କୁଇ ସମାଜ ପକ୍ଷରୁ ଖଗେଶ୍ୱରଙ୍କ ଶ୍ରାଦ୍ଧୋତ୍ସବ

ବାଲିଗୁଡା,୨୬।୧୨(ଡି.ଏନ୍.ଏ.)- ବାଲିଗୁଡା ବ୍ଲକ ବାରଖମାଠାରେ କୁଇ ସମାଜ ଦ୍ୱାରା ଖଗେଶ୍ୱର ମଲିକଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏନେଇ କୁଇକୁଳ ସମିତିର ଜିଲାସ୍ତରୀୟ ସମାବେଶ ହୋଇଥିଲା। ଏକ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରିବା ପରେ ସଭାର ଆୟୋଜନ କରାଯାଇଥିଲା। ଏଥିରେ କୁଇକୁଳ ସମାଜର ଜିଲା ସମନ୍ୱୟ ସମ୍ପାଦକ ଲମ୍ବୋଦର କହଁର ଯୋଗ ଦେଇଥିଲେ। ପୁସାରା କହଁର ଟିକାବାଲି ସଭାପତି, ପ୍ରଦୀପ କହଁର, ମନୋଜ ମଲିକ ବାଲିଗୁଡା କେନ୍ଦ୍ର ସଭାପତି, ପ୍ରମୋଦ ପ୍ରଧାନ, ଶୁଶାନ୍ତ ପ୍ରଧାନ ଘୁ. ଉଦୟଗିରି ସଭାପତି, ବାବୁଲା ପ୍ରଧାନ ରାଇକିଆ, ଦୀନବନ୍ଧୁ କହଁର ଫିରିଙ୍ଗିଆ ସଭାପତି ପ୍ରମୁଖ ମଞ୍ଚାସିନ ଥିଲେ। ୨୦୦୭ କନ୍ଧମାଳ ଦଙ୍ଗାରେ କୁଇ ସମାଜ ପକ୍ଷରୁ ଜାତିଗତ ପ୍ରମାଣପତ୍ର ହଡପ ନେଇ ପ୍ରତିବାଦର ସ୍ୱର ଉତ୍ତୋଳନ କରାଯାଇଥିଲା। ବାରଖମାରେ ପ୍ରତିବାଦ ବେଳେ ଖଗେଶ୍ୱରଙ୍କୁ ହତ୍ୟା କରାଯାଇଥିଲା।

### ଦୁର୍ଘଟଣାରେ ଜଣେ ମୃତ

ପାତ୍ରପୁର, ୨୬।୧୨(ଡି.ଏନ୍.ଏ.)
ଜରଡ଼ା ଥାନା ପାତ୍ରପୁର-ଢ଼େପଗାଁ ରାସ୍ତାରେ ଗୁରୁବାର ବାଇକ୍ ଏକ ଗଛରେ ପିଟିହେବାରୁ ଜଣକ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଭାସ୍କର ବେହେରା ଓ ଆହାତ ଜଣକ କ୍ରିଷ୍ଣା ରାଉଳ। ଉଭୟଙ୍କ ଘର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା କାବେଟିରେ। ପାତ୍ରପୁରର ଏକ ଢାବାରେ ଦୁହେଁ ରୋଷେୟା ଭାବେ କାମ କରୁଥିଲେ। କୌଣସି କାମରେ ଉଭୟ ବାଇକରେ କେଲୁଆ ଯାଉଥିବାବେଳେ କୃପାସିନ୍ଧୁପଲ୍ଲୀ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ଗଛରେ ପିଟି ହୋଇଯାଇଥିଲା। ଆହତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଭାସ୍କରଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ପଞ୍ଚଦିବସୀୟ ଯୁବ ଶିବିର, ସାଧନା ଶିବିର, ଆଧ୍ୟାତ୍ମିକ ସମ୍ମିଳନୀ

# ଶାନ୍ତ, ଭଦ୍ର, ନମ୍ର ଭାବନା ଉତ୍ତମ ପରିବେଶ ଦିଏ: ଗଜପତି

**ସୋରଡ଼ା,୨୬।୧୨(ଡି.ଏନ୍.ଏ.)**

ସମାଜରେ ସବୁବର୍ଗର ଜନସାଧାରଣ ଶାନ୍ତ, ଭଦ୍ର, ନମ୍ରତା ଭାବ ରଖିବା ସହ ପ୍ରତିଟି ସମୟରେ ସକାରାତ୍ମକ ଚିନ୍ତାଧାରା ରଖିଲେ ସମାଜକୁ ଉତ୍ତମ ପରିବେଶ କରିହେବ। ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ଗୁରୁଜନ ପ୍ରତି ଭକ୍ତିଭାବ ରଖିବା, ପ୍ରତିଟି ବିଚାର ଧାରାକୁ ଶୃଙ୍ଖଳିତ ଭାବେ ଉପସ୍ଥାପନା କରିବା ହିଁ ଏକ ସୁସ୍ଥ ମାନସିକତା ବୋଲି ଗୁରୁବାର ଏଠାରେ ଆୟୋଜିତ ଅଷ୍ଟାଦଶ ଗୀତାଜ୍ଞାନୀ ଯଜ୍ଞ ଉଦ୍‌ଯାପନ ଉତ୍ସବ ଅବସରରେ ଅନୁଷ୍ଠିତ ପଞ୍ଚଦିବସୀୟ ଆଧ୍ୟାତ୍ମିକ ମହାସମ୍ମିଳନୀ, ସାଧନା ଶିବିରରେ ଯୋଗ ଦେଇ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି। ଗୁରୁବାର ଅପରାହ୍ନରେ ଉଦ୍‌ଘାଟନୀ ଉତ୍ସବରେ ପ୍ରଥମରେ ବେଦପାଠ କରାଯାଇଥିଲା। ଧ୍ୱଜ ଉତ୍ତୋଳନ, ପ୍ରଦୀପ ପ୍ରଜ୍ୱଳନ ପରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥମାନେ ଆଶୀର୍ବଚନ ପ୍ରଦାନ କରିଥିଲେ। ଏଥିରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଓୟୁଏଟି ପୂର୍ବତନ କୁଳପତି ଡ. ସୁରେନ୍ଦ୍ର ନାଥ ପଶୁପାଳକ, ବଡ଼ଗଡ଼ ରାଜା ସାହେବ କିଶୋର ଚରଣ ସିଂଙ୍କ ସମେତ ୧୧ଜଣ ବିଭିନ୍ନ ପ୍ରାନ୍ତର ସାଧୁମାନେ ମଞ୍ଚାସୀନ ଥିଲେ। ବିଭିନ୍ନ ଜିଲାରୁ ଶହଶହ ସଂଖ୍ୟାରେ ମହିଳା, ପୁରୁଷ ଶିବିରରେ ଯୋଗ ଦେଇଥିଲେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ହରିଦ୍ୱାର, ରାଞ୍ଚି, ଭୁବନେଶ୍ୱର, ଋଷିକେଶ, ପୁରୀ, ପଞ୍ଜାବରୁ ଦିବ୍ୟଜୀବନ ଶାଖାର ସାଧୁମାନେ ଆସି ପହଞ୍ଚିଛନ୍ତି।


ସଭାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଅନ୍ୟମାନେ।

# 'ସମାଜର ଉନ୍ନତି ଲାଗି ଆଧ୍ୟାତ୍ମିକ ଚେତନା ଜରୁରୀ'

**ଆସିକା,୨୬।୧୨(ଡି.ଏନ୍.ଏ.):**

ବ୍ୟକ୍ତି ଓ ସମାଜର ଉନ୍ନତି ପାଇଁ ଭୌତିକ ସହିତ ଆଧ୍ୟାତ୍ମିକ ଚେତନା ଜରୁରୀ। ବର୍ତ୍ତମାନ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ଭୌତିକ ଉନ୍ନତି ହେଉଥିବା ବେଳେ ଆଧ୍ୟାତ୍ମିକ ଚେତନାର ଅଭାବ ଦେଖାଦେଇଛି ବୋଲି ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ ମତ ପ୍ରକାଶ କରିଛନ୍ତି। ବଡ଼ଗଡ଼ଠାରେ ହେଉଥିବା ଦିବ୍ୟଜୀବନ ସଂଘର ପଞ୍ଚଦିବସୀୟ ଯୁବ ଶିବିର, ସାଧନା ଶିବିର ଓ ଆଧ୍ୟାତ୍ମିକ ସମ୍ମିଳନୀ ଉଦଘାଟନୀ କାର୍ଯ୍ୟକ୍ରମକୁ ଯିବା ପୂର୍ବରୁ ଆସିକା ନିକଟସ୍ଥ ଢଉଗାଁସ୍ଥିତ ଜଳ ସମ୍ପଦ ବିଭାଗ ବଙ୍ଗଳାଠାରେ ସୌଜନ୍ୟମୂଳକ ସାକ୍ଷାତକାର ବେଳେ ଗଜପତି ମହାରାଜ ଏହା କହିଥିଲେ।

ବିଶ୍ୱରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ଲାଗି ସଦଗୁରୁଦେବ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ ୧୯୩୬ ମସିହାରେ ଦିବ୍ୟ ଜୀବନ ସଂଘ ସ୍ଥାପନ କରିଥିଲେ। ବର୍ତ୍ତମାନ ସମଗ୍ର ବିଶ୍ୱରେ ୪୦୦ରୁ ଉର୍ଦ୍ଧ୍ୱ ଏହାର ଶାଖା ରହିଛି। ଓଡିଶାରେ ୨୦୦ରୁ ଉର୍ଦ୍ଧ୍ୱ ଶାଖା ଓ ୧୦୦ରୁ ଉର୍ଦ୍ଧ୍ୱ ସତସଙ୍ଗ କେନ୍ଦ୍ର ରହିଛି । ଏହି ଶାଖା ମାଧ୍ୟମରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଯାଉଛି ବୋଲି ଗଜପତି କହିଥିଲେ।

# ଦୁର୍ଘଟଣାରେ ମା' ମୃତ, ଝିଅ ଗୁରୁତର

**ଜଗନ୍ନାଥପ୍ରସାଦ, ୨୬।୧୨ (ଡି.ଏନ୍.ଏ.)**

ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଥିବା କୃଷି ଫାର୍ମ ସାମ୍ନାରେ ବୁଧବାର ରାତି ପ୍ରାୟ ୯ଟାରେ ଏକ୍ସଲକୁ ପଛରୁ ଏକ ଅଜଣା ଗାଡି ଧକ୍କା ଦେଇଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ କୁନି ଝିଅର ବାମଗୋଡ଼ଟି ଭାଙ୍ଗି ଯାଇଛି। ମୃତ ମହିଳା ଜଣକ ହେଲେ କାଦୁଆ ଡାଳଖାଇର ଋଷି ନାଇକଙ୍କ ସ୍ତ୍ରୀ ଝୁନୁ କୁମାରୀ ନାଇକ (୨୩)। ଥାନାରେ ଚାଳକ ସନ୍ତୋଷ ସେଠୀ ଦେଇଥିବା ଅଭିଯୋଗ ପ୍ରକାରେ ନଂ.୨୨୧/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଚାଳକ ସନ୍ତୋଷ ନରେନ୍ଦ୍ରପୁର ସ୍ଥିତ ତାଙ୍କ ଚିକେନ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଝୁନୁ ତାଙ୍କ ଝିଅଙ୍କୁ ନେଇ ସେଠାରେ ପହଞ୍ଚିଥିଲେ। ବାପାଙ୍କ ଦେହ ଖରାପ ଥିବା କହି ଝୁନୁ ତାଙ୍କୁ ଛାମୁଣ୍ଡା ଗ୍ରାମରେ ଛାଡିଦେବାକୁ ଅନୁରୋଧ କରିଥିଲେ। ଏନେଇ ସନ୍ତୋଷ ଲୁନାରେ ଝୁନୁ ଓ ତାଙ୍କ ଝିଅଙ୍କୁ ଧରି ନରେନ୍ଦ୍ରପୁର ଗ୍ରାମରୁ ଛାମୁଣ୍ଡା ଯାଉଥିଲେ। ବାଟରେ ଜଗନ୍ନାଥପ୍ରସାଦ କୃଷି ଫାର୍ମ ଠାରେ ପଛପଟୁ ଏକ ଅଜଣା ଚାରିଚକିଆ ଯାନ ଧକ୍କା ଦେଇଥିଲା। ଫଳରେ ୩ ଜଣ ଛିଟିକି ପଡିଥିଲେ। ପିସିଆର୍ ଗାଡି ସେହି ରାସ୍ତା ଦେଇ ଯାଉଥିବାବେଳେ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିବାବେଳେ ଝୁନୁଙ୍କ ମୃତ୍ୟୁ ହୋଇଥିଲା। ଝିଅର ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲକୁ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇ ଦିଆଯାଇଛି।

### ଗଣବଳାତ୍କାର ଭିଡିଓ ଭାଇରାଲ, ୩ ଅଟକ

କବିସୂର୍ଯ୍ୟନଗର,୨୬।୧୨

କବିସୂର୍ଯ୍ୟନଗରର ୩ ସାଙ୍ଗ ମିଶି ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ୩ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା ଚାଲିଥିବା ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି। ଛାତ୍ରୀଙ୍କୁ ୩ ଜଣ ମିଶି ଏକ ଭଡ଼ାଘରେ ବଳାତ୍କାର କରୁଥିବା ଭିଡିଓ ୧୦ଦିନ ତଳେ ଭାଇରାଲ ହୋଇଥିଲା। ଛାତ୍ରୀଙ୍କ ସମ୍ପର୍କୀୟ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

### ବାଲି, ପଥର ବୋଝେଇ ଟ୍ରାକ୍ଟର ଜବତ

# ୪୫ ହଜାର ଟଙ୍କା ଜରିମାନା ଆଦାୟ

**ପାଟପୁର,୨୬।୧୨**

ସାନଖେମୁଣ୍ଡି ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ସକାଳେ ତହସିଲ କାର୍ଯ୍ୟାଳୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଚଢାଉ କରାଯାଇଥିଲା। ବେଆଇନ ପଥର ବୋଝେଇ ଗୋଟିଏ ଟ୍ରାକ୍ଟର ଓ ବାଲି ବୋଝେଇ ୩ ଟ୍ରାକ୍ଟର ଜବତ କରି ୪୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଉକ୍ତ ରାସ୍ତାରେ ଦ୍ରୁତଗତିରେ ଯାଉଥିବା ପଥର ଓ ବାଲି ବୋଝେଇ ଟ୍ରାକ୍ଟରକୁ ତହସିଲଦାର ଅମିତ କୁମାର ନାୟକ, ରାଜସ୍ୱ ନିରୀକ୍ଷକ ମେଣ୍ଟା ସୁଦାମ, ପ୍ରଦୀପ ବେହେରା ଓ କର୍ମଚାରୀମାନେ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ଟ୍ରାନ୍‌ଜିଟ ଫର୍ମ ନଥାଇ ବିନା ଅନୁମିତରେ ପଥର ଚାଲାଣ କରାଯାଉଥିବା ଜଣାପଡିଥିଲା ବୋଲି ତହସିଲଦାର ଅମିତ କୁମାର ନାୟକ କହିଛନ୍ତି।

### ଯୁବକଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

# କଳାବ୍ୟାଜ୍ ପିନ୍ଧି କର୍ମଚାରୀଙ୍କ ପ୍ରତିବାଦ, ଥାନାରେ ଏତଲା


ଡାକ୍ତରଖାନା କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଉଛନ୍ତି।

**ପାତ୍ରପୁର,୨୬।୧୨(ଡି.ଏନ୍.ଏ.)**

ଜରଡ଼ା ଥାନା ପାତ୍ରପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ କେତେକ ଲୋକ ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ଗୁରୁବାର ମେଡ଼ିକାଲ କର୍ମଚାରୀ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିବା ସହ ଜରଡ଼ା ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ଜରଡ଼ା ଥାନା ପାଞ୍ଚଆମ୍ବ ଗ୍ରାମର ଅଶ୍ୱିନୀ ବେହେରା ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାତ୍ରପୁର ଓ ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ମେଡ଼ିକାଲରେ ଚିକିତ୍ସା ଚାଲିଥିବାବେଳେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁପରେ ଗ୍ରାମର କିଛି ଯୁବକ ରାତିରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ହୋହଲ୍ଲା କରିବା ସହ ଭଙ୍ଗାରୁଜା କରିଥିଲେ। ଗୁରୁବାର ସକାଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସମ୍ବିତ ବେଗରାୟଙ୍କ ସହ ସମସ୍ତ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ସୁରକ୍ଷା ଦାବିରେ ୫ ମିନିଟ୍ ପ୍ରତିବାଦ କରିଥିଲେ। ଏନେଇ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ, ପୋଲିସ ତଦନ୍ତ ଆରମ୍ଭ କରିଛି।

# ପାଦ ବିକୃତି ଚିକିତ୍ସା ପରେ ଘରକୁ ଫେରିଲେ ଶିଶୁ

**ଫୁଲବାଣୀ ଅଫିସ,୨୬।୧୨**

ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର ହୋଇଥିବା ପାଦ ବିକୃତି ପିଲା ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।ଏମାନେ ଅନ୍ୟ ପିଲାଙ୍କ ଭଳି ସୁସ୍ଥ ଜୀବନଯାପନ କରି ପାରିବେ । ଗତ ୫ ତାରିଖରୁ ଏହି ଅସ୍ତ୍ରୋପଚାର ଶିବିର ହୋଇଥିଲା। ସେ ସମୟରେ ଜିଲାକୁ ଗସ୍ତରେ ଆସିଥିବା ମନ୍ତ୍ରୀ, ସଚିବମାନେ ମଧ୍ୟ ମେଡିକାଲ ଯାଇ ଏହି ପିଲାମାନଙ୍କୁ ଦେଖିବା ସହ ସେମାନଙ୍କ ଆରୋଗ୍ୟ କାମନା କରିଥିଲେ ।

କନ୍ଧମାଳ, ବଲାଙ୍ଗିର, ସୁବର୍ଣ୍ଣପୁର ଏବଂ ବୌଦ୍ଧ ଜିଲାର ୩୩ ଜଣ ଜନ୍ମଗତ ପାଦ ବିକୃତ ଶିଶୁଙ୍କ ଅସ୍ତ୍ରୋପଚାର କରାଯାଇଥିଲା । ଶିବିର ଉଦ୍‌ଯାପନ ଦିବସରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ ଉପସ୍ଥିତ ରହି ଶିଶୁମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଗବେଷଣା ସଂସ୍ଥାନର ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ଦ୍ୱାରା ଶିଶୁମାନଙ୍କର ବ୍ୟାଣ୍ଡେଜ୍ ଖୋଲାଯାଇଥିଲା । ଏହାପରେ ପୁନଃବ୍ୟାଣ୍ଡେଜ୍ କରାଯାଇ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପଦାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କ ଘରକୁ ପଠା ଯାଇଥିଲା । ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଏବଂ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ହାଇଜେନିକ୍ କିଟ୍, ଗରମ ପୋଷାକ, ଜୋତା ଆଦି ଶିଶୁମାନଙ୍କୁ ପ୍ରଦାନ କରାଯାଇଥିଲା । ୬ ସପ୍ତାହ ପରେ ସେମାନଙ୍କୁ ପୁଣିଥରେ ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରକୁ ଅଣାଯାଇ ବ୍ୟାଣ୍ଡେଜ୍ ଖୋଲାଯିବା ପରେ ଭୌତିକ ଚିକିତ୍ସା ପ୍ରଦାନ କରାଯିବ। ଏହାପରେ ସ୍ୱତନ୍ତ୍ର ପଦ୍ଧତିରେ ନିର୍ମିତ ହେବାକୁ ଥିବା ଜୋତା ମାପ ନିଆଯାଇ ତାହା ବିନାମୂଲ୍ୟରେ ଯୋଗାଇ ଦିଆଯିବ ବୋଲି ଜିଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଅକ୍ଷୟ କୁମାର ପଣ୍ଡା ଜଣାଇଛନ୍ତି।




### ଥାନା ପରିସର ସଫେଇ କଲେ ଛାତ୍ରୀଛାତ୍ର

# ପ୍ଲାଷ୍ଟିକ, ପଲିଥିନ ବର୍ଜନ ଶପଥ ଦେଲେ



ଅତିଥିଙ୍କ ଗହଣରେ ଶିବିରାର୍ଥୀମାନେ।

**ଦିଗପହଣ୍ଡି,୨୬।୧୨(ଡି.ଏନ.ଏ.)**

ଖେମୁଣ୍ଡି କଲେଜ ଜାତୀୟ ସେବା ଶିବିର (ଏନ୍‌ଏସ୍‌ଏସ) ପକ୍ଷରୁ ଗୁରୁବାର ଦିଗପହଣ୍ଡି ଥାନା ପରିସରରେ ସଫେଇ କରାଯାଇଛି। ଏଥିସହ ଶିବିରାର୍ଥୀମାନେ ବିଭିନ୍ନ କାର୍ଯ୍ୟରେ ଥାନାକୁ ଆସିଥିବା ଲୋକଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ କରିବା ଘରେ ଓ ବାହାରେ ଡଷ୍ଟବିନ ବ୍ୟବହାର କରିବାକୁ ଶପଥ ପାଠ କରାଇଛନ୍ତି। ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବାଲାଜୀ ପଣ୍ଡା, ଭାରତୀ ଭୂଷଣ ମହାରଣା, ଦୁର୍ଯ୍ୟୋଧନ ପ୍ରଧାନ, ଅଧ୍ୟାପିକା ସସ୍ମିତା ସ୍ୱାଇଁଙ୍କ ସମେତ ଥାନା ଏସ୍‌ଆଇ ବଳଭଦ୍ର ଗଣ୍ଡ, ମାଧବ ଚନ୍ଦ୍ର ଟାକରୀ ଏବଂ ମଧୁସ୍ମିତା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ପରିବେଶକୁ କିଭଳି ସ୍ୱଚ୍ଛ ଓ ସୁସ୍ଥ ରଖାଯାଇପାରିବ ସେ ସମ୍ପର୍କରେ କହିଥିଲେ। ପରେ ଛାତ୍ରୀଛାତ୍ରମାନେ ଥାନା ପରିସର ପରିଷ୍କାର କରିଥିଲେ। ଛାତ୍ରଙ୍କ ପକ୍ଷରୁ ଗୋଷ୍ଠୀ ମୁଖିଆ ଚନ୍ଦନ ପ୍ରଧାନ, ସରୋଜ ଦୋରା, ଦୀପୁ ପାତ୍ର, ରିଙ୍କୁ ଗୌଡ, ସାଗର ନାୟକ, ବାଳକ୍ରିଷ୍ଣା ଦୋରାଙ୍କ ସମେତ ଛାତ୍ରୀ ବି.ନର୍ମଦା, ସମୀକ୍ଷା ପଟ୍ଟନାୟକ ଏବଂ ଡି.ନିଶାମଣି ରେଡୀଙ୍କ ସମେତ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ